# ରାଜ୍ୟ ସିଲେକ୍‌ସନ୍ ବୋର୍ଡ, ଓଡ଼ିଶା ପୋଲିସ୍, କଟକ
## କନେଷ୍ଟବଲ ନିଯୁକ୍ତି ପରୀକ୍ଷା ନିମନ୍ତେ ବିଜ୍ଞାପନ

ରାଜ୍ୟ ଆରକ୍ଷୀ ବିଭାଗରେ ନିମ୍ନଲିଖିତ ଜିଲ୍ଲା/ଆରକ୍ଷୀ ଜିଲ୍ଲା/ପୋଲିସ କମିଶନରେଟ୍‌ରେ ଖାଲିଥିବା **୧୩୭୦** ଟି କନେଷ୍ଟବଲ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତଗୁଡିକ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ/ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ **ତା.୩୧.୦୧.୨୦୧୫** ରିଖ ( ଏକ ତିରିଶ ଜାନୁଆରୀ ଦୁଇହଜାର ପନ୍ଦର ମସିହା ) ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଧାରିତ ତାରିଖ ପରେ ପହଞ୍ଚିଥିବା ଦରଖାସ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

**୧. ଖାଲିଥିବା ପଦବୀ ସଂଖ୍ୟା:**

| କ୍ରମିକ ସଂଖ୍ୟା | ପୋଲିସ କମିଶନରେଟ୍‌ର ନାମ/ ଜିଲ୍ଲା/ଆରକ୍ଷୀ ଜିଲ୍ଲା | ସମୁଦାୟ ଖାଲିଥିବା ପଦବୀ ସଂଖ୍ୟା |
|---|---|---|
| 1. | ପୋଲିସ କମିଶନରେଟ୍, ଭୁବନେଶ୍ୱର-କଟକ | **160** |
| 2. | ଜଗତସିଂହପୁର | **08** |
| 3. | ଯାଜପୁର | **37** |
| 4. | ନୟାଗଡ଼ | **17** |
| 5. | କେନ୍ଦ୍ରାପଡ଼ା | **68** |
| 6. | ପୁରୀ | **105** |
| 7. | ଖୋର୍ଦ୍ଧା | **10** |
| 8. | ବାଲେଶ୍ୱର | **86** |
| 9. | ମୟୂରଭଞ୍ଜ | **29** |
| 10. | ଗଞ୍ଜାମ | **34** |
| 11. | ବ୍ରହ୍ମପୁର | **47** |
| 12. | ଗଜପତି | **09** |
| 13. | କନ୍ଧମାଳ | **15** |
| 14. | ଅନୁଗୁଳ | **99** |

| | | |
|---|---|---|
| 15. | ଢେଙ୍କାନାଳ | **32** |
| 16. | ସମ୍ବଲପୁର | **37** |
| 17. | ବରଗଡ଼ | **86** |
| 18. | ବଲାଙ୍ଗିର | **83** |
| 19. | ଝାରସୁଗୁଡ଼ା | **18** |
| 20. | ସୁବର୍ଣ୍ଣପୁର | **08** |
| 21. | କୋରାପୁଟ | **58** |
| 22. | ମାଲକାନଗିରି | **43** |
| 23. | ରାୟଗଡ଼ା | **21** |
| 24. | କଳାହାଣ୍ଡି | **62** |
| 25. | ନୂଆପଡ଼ା | **90** |
| 26. | ନବରଙ୍ଗପୁର | **08** |
| 27. | ସୁନ୍ଦରଗଡ଼ | **16** |
| 28. | ରାଉରକେଲା | **19** |
| 29. | କେନ୍ଦୁଝର | **36** |
| 30. | ଜି.ଆର୍.ପି., କଟକ | **10** |
| 31. | ଜି.ଆର୍.ପି., ରାଉରକେଲା | **19** |
| | **ମୋଟ** | **1370** |

ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି/ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ / ଅବସରପ୍ରାପ୍ତ ସାମରିକ କର୍ମଚାରୀ/କ୍ରୀଡ଼ାବିତ୍/ଗୃହରକ୍ଷୀ/ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍ "ଡି" କର୍ମଚାରୀ ଓ ବିଭିନ୍ନ ବର୍ଗର ମହିଳା ପ୍ରାର୍ଥୀମାନଙ୍କ ନିମନ୍ତେ ସଂରକ୍ଷଣ ନିୟମ ଓ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି । ଆବଶ୍ୟକସ୍ଥଳେ ଉପରୋକ୍ତ ଖାଲି ଥିବା ପଦବୀଗୁଡ଼ିକର ସଂଖ୍ୟା ବୃଦ୍ଧି ହୋଇପାରେ ।

## ୨. ଶାରୀରିକ ମାପ / ଦକ୍ଷତା ପରୀକ୍ଷା ନିମନ୍ତେ ନିଯୁକ୍ତି ପରୀକ୍ଷା କେନ୍ଦ୍ର

| **କ୍ରମିକ ସଂଖ୍ୟା** | **ପୋଲିସ କମିଶନରେଟ୍‌ର ନାମ/ଜିଲ୍ଲା/ଆରକ୍ଷୀ ଜିଲ୍ଲା** | **ନିଯୁକ୍ତି ପରୀକ୍ଷା କେନ୍ଦ୍ର** |
|---|---|---|
| ୧. | ପୋଲିସ କମିଶନରେଟ୍, ଭୁବନେଶ୍ୱର-କଟକ | ଓ.ଏସ୍.ଏ.ପି. ୭ମ ବାଟାଲିୟନ ପଡିଆ, ଭୁବନେଶ୍ୱର |
| ୨. | ଜଗତସିଂହପୁର | ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ,କଣ୍ଠାବଲ୍ଲଭପୁର, ଜଗତସିଂହପୁର |
| ୩. | ଯାଜପୁର | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ପାଣିକୋଇଲି, ଯାଜପୁର |
| ୪. | ନୟାଗଡ଼ | ପୋଲିସ ଟ୍ରେନିଂ ସ୍କୁଲ ପଡ଼ିଆ, ନୟାଗଡ |
| ୫. | କେନ୍ଦ୍ରାପଡ଼ା | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ଜଜାଙ୍ଗ, କେନ୍ଦ୍ରାପଡ଼ା |

| | | |
|---|---|---|
| ୬. | ପୁରୀ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ପୁରୀ |
| ୭. | ଖୋର୍ଦ୍ଧା | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ତାରତୁଆ, ଖୋର୍ଦ୍ଧା |
| ୮. | ବାଲେଶ୍ୱର | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ବାଲେଶ୍ୱର |
| ୯. | ମୟୁରଭଞ୍ଜ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ଭଞ୍ଜପୁର, ବାରିପଦା |
| ୧୦. | ଗଞ୍ଜାମ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ଛତ୍ରପୁର |
| ୧୧. | ବ୍ରହ୍ମପୁର | ରିଜର୍ଭ ପୋଲିସ୍ ଲାଇନ ପଡ଼ିଆ, ଆମ୍ବପୁଆ, ବ୍ରହ୍ମପୁର |
| ୧୨. | ଗଜପତି | ରିଜର୍ଭ ପୋଲିସ୍ ଲାଇନ୍ ପଡ଼ିଆ, ବେତଗୁଡା, ଗଜପତି |
| ୧୩. | କନ୍ଧମାଳ | ରିଜର୍ଭ ପୋଲିସ୍ ଲାଇନ ପଡ଼ିଆ, ମାଡିକୁନ୍ଦା, ଫୁଲବାଣୀ |
| ୧୪. | ଅନୁଗୁଳ | ବିଜୁ ପଟ୍ଟନାୟକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ନାଲ୍କୋ ନଗର, ଅନୁଗୁଳ |
| ୧୫. | ଢେଙ୍କାନାଳ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ଢେଙ୍କାନାଳ |
| ୧୬. | ସମ୍ବଲପୁର | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ସମ୍ବଲପୁର |
| ୧୭. | ବରଗଡ଼ | ରିଜର୍ଭ ପୋଲିସ୍ ଲାଇନ ପଡ଼ିଆ, ପାର୍ଥଲା, ବରଗଡ଼ |
| ୧୮. | ବଲାଙ୍ଗିର | ରିଜର୍ଭ ପୋଲିସ୍ ଲାଇନ ପଡ଼ିଆ, ମନୋହରପୁର, ତୁଳସୀ ନଗର, ବଲାଙ୍ଗିର |
| ୧୯. | ଝାରସୁଗୁଡ଼ା | ରିଜର୍ଭ ଲାଇନ୍ ପୋଲିସ୍ ପଡ଼ିଆ, ଝାରସୁଗୁଡ଼ା |
| ୨୦. | ସୁବର୍ଣ୍ଣପୁର | ରୟାଲ୍ ଫିଲ୍ଡ, ସୋନପୁର |
| ୨୧. | କୋରାପୁଟ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, କୋରାପୁଟ |
| ୨୨. | ମାଲକାନଗିରି | ଡ଼ି.ଏନ୍.କେ. ଗ୍ରାଉଣ୍ଡ, ମାଲକାନଗିରି |
| ୨୩. | ରାୟଗଡ଼ା | ଜି.ସି.ଡ଼ି, ହାଇସ୍କୁଲ ପଡ଼ିଆ, ରାୟଗଡ଼ା |
| ୨୪. | କଳାହାଣ୍ଡି | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ଭବାନୀପାଟଣା |
| ୨୫. | ନୂଆପଡ଼ା | ମିନି ଷ୍ଟାଡିୟମ , ନୂଆପଡ଼ା |
| ୨୬. | ନବରଙ୍ଗପୁର | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ନବରଙ୍ଗପୁର |
| ୨୭. | ସୁନ୍ଦରଗଡ଼ | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ସଙ୍କରା, ସୁନ୍ଦରଗଡ଼ |
| ୨୮. | ରାଉରକେଲା | ରିଜର୍ଭ ପୋଲିସ ଲାଇନ ପଡ଼ିଆ, ରାଉରକେଲା |
| ୨୯. | କେନ୍ଦୁଝର | ରିଜର୍ଭ ପୋଲିସ ଲାଇନ ପଡ଼ିଆ, କେନ୍ଦୁଝର |
| ୩୦. | ଜି.ଆର.ପି., କଟକ | ଗୋର୍ଖା କଲୋନି, ଓଏମ୍ପି ଛକ, କଟକ-୩ |
| ୩୧. | ଜି.ଆର.ପି., ରାଉରକେଲା | ସେର୍ଶା ଗ୍ରାଉଣ୍ଡ ବନ୍ଧୋମୁଣ୍ଡା, ରାଉରକେଲା |

ପ୍ରାର୍ଥୀମାନେ ଶାରୀରିକ ମାପ/ଦକ୍ଷତା ପରୀକ୍ଷା ନିମନ୍ତେ **ତା.୧୫.୦୨.୨୦୧୫** ରିଖ **ସକାଳ ୬ (ସାତ) ଘଣ୍ଟା** ସମୟରେ ନିଜ ନିଜ ଜିଲ୍ଲାର ଉପରୋକ୍ତ ନିଯୁକ୍ତି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବେ । ଏହି ପରୀକ୍ଷା ଅଧିକ ଦିନ ଲାଗିପାରେ, ଏଥିପାଇଁ ପ୍ରାର୍ଥୀମାନେ ରହିବା ପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ ।

## ୩. ଚାକିରିରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ

ସାଧାରଣ ପ୍ରଶାସନ ବିଭାଗ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ନଂ.୩୨୦୧୦/Gen ତା.୧୨.୧୧.୨୦୧୩ ରିଖ ସର୍ତ୍ତାବଳୀ ଅନୁସାରେ ପ୍ରାରମ୍ଭିକ ଚାକିରିରେ ନିଯୁକ୍ତି ସମ୍ପର୍କୀୟ ସର୍ତ୍ତାବଳୀ (ଗ୍ରୁପ୍-ସି ଏବଂ ଗ୍ରୁପ୍-ଡ଼ି ପଦବୀ ପାଇଁ ) ପରିଚାଳନା କରାଯିବ ।

## ୪. ପରୀକ୍ଷା ଫି

କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ ନିମନ୍ତେ ପ୍ରାର୍ଥୀ (ଅନୁସୂଚିତ ଜାତି/ ଅନୁସୂଚିତ ଉପଜାତି ବ୍ୟତୀତ) **ଟ.୧୫୦/-** (ଏକଶହ ପଚାଶ ଟଙ୍କା)ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଠାଇବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ନିମ୍ନମତେ ଦେୟହେବା ଆବଶ୍ୟକ ।

| କ୍ରମିକ ସଂଖ୍ୟା | ପୋଲିସ୍ କମିଶନରେଟ୍‌ର ନାମ/ଜିଲ୍ଲା/ଆରକ୍ଷୀ ଜିଲ୍ଲା | କାହାନାମରେ ଦେୟ ହେବ | କେଉଁଠାରେ ଦେୟ ହେବ |
|---|---|---|---|
| ୧. | ପୋଲିସ କମିଶନରେଟ୍, କଟକ- ଭୁବନେଶ୍ୱର | Dy.Commissioner of Police,(Hqrs), Bhubaneswar | Bhubaneswar |
| ୨. | ଜଗତସିଂହପୁର | Supdt. of Police, Jagatsinghpur | Jagatsinghpur |
| ୩. | ଯାଜପୁର | Supdt. of Police, Jajpur | Jajpur |
| ୪. | ନୟାଗଡ଼ | Supdt. of Police, Nayagarh | Nayagarh |
| ୫. | କେନ୍ଦ୍ରାପଡ଼ା | Supdt. of Police, Kendrapara | Kendrapara |
| ୬. | ପୁରୀ | Supdt. of Police, Puri | Puri |
| ୭. | ଖୋର୍ଦ୍ଧା | Supdt. of Police, Khordha | Khordha |
| ୮. | ବାଲେଶ୍ୱର | Supdt. of Police, Balasore | Balasore |
| ୯. | ମୟୂରଭଞ୍ଜ | Supdt. of Police, Mayurbhanj | Baripada |
| ୧୦. | ଗଞ୍ଜାମ | Supdt. of Police, Ganjam | Chatrapur |
| ୧୧. | ବ୍ରହ୍ମପୁର | Supdt. of Police, Berhampur | Berhampur |
| ୧୨. | ଗଜପତି | Supdt. of Police, Gajapati | Gajapati |
| ୧୩. | କନ୍ଧମାଳ | Supdt. of Police, Kandhamal | Kandhamal |
| ୧୪. | ଅନୁଗୁଳ | Supdt. of Police, Angul | Angul |
| ୧୫. | ଢେଙ୍କାନାଳ | Supdt. of Police, Dhenkanal | Dhenkanal |
| ୧୬. | ସମ୍ବଲପୁର | Supdt. of Police, Sambalpur | Sambalpur |
| ୧୭. | ବରଗଡ଼ | Supdt. of Police, Bargarh | Bargarh |
| ୧୮. | ବଲାଙ୍ଗିର | Supdt. of Police, Bolangir | Bolangir |
| ୧୯. | ଝାରସୁଗୁଡ଼ା | Supdt. of Police, Jharsuguda | Jharsuguda |

| | | | |
|---|---|---|---|
| ୨୦. | ସୁବର୍ଣ୍ଣପୁର | Supdt. of Police, Subarnapur | Sonepur |
| ୨୧. | କୋରାପୁଟ | Supdt. of Police, Koraput | Koraput |
| ୨୨. | ମାଲକାନଗିରି | Supdt. of Police, Malkangiri | Malkangiri |
| ୨୩. | ରାୟଗଡ଼ା | Supdt. of Police, Rayagada | Rayagada |
| ୨୪. | କଳାହାଣ୍ଡି | Supdt. of Police, Kalahandi | Bhawanipatna |
| ୨୫. | ନୂଆପଡ଼ା | Supdt. of Police, Nuapada | Nuapada |
| ୨୬. | ନବରଙ୍ଗପୁର | Supdt. of Police, Nawarangpur | Nawarangpur |
| ୨୭. | ସୁନ୍ଦରଗଡ଼ | Supdt. of Police, Sundargarh | Sundargarh |
| ୨୮. | ରାଉରକେଲା | Supdt. of Police, Rourkela | Rourkela |
| ୨୯. | କେନ୍ଦୁଝର | Supdt. of Police, Keonjhar | Keonjhar |
| ୩୦. | ଜି.ଆର୍.ପି., କଟକ | Supdt. Railway Police, Cuttack | Cuttack |
| ୩୧. | ଜି.ଆର୍.ପି., ରାଉରକେଲା | Supdt. Railway Police, Rourkela | Rourkela |

ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ବିନା ଦାଖଲ କରାଯାଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଅନୁସୂଚିତ ଜାତି/ଅନୁସୂଚିତ ଉପଜାତିର ପ୍ରାର୍ଥୀମାନଙ୍କ ପାଇଁ କୌଣସି ପରୀକ୍ଷା ଫିସ୍ ପଡିବ ନାହିଁ ।

## ୫. ନାମ ପଞ୍ଜିକରଣ

ପ୍ରାର୍ଥୀ ଯେଉଁ ଜିଲ୍ଲାରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଭାଗ ନେବାକୁ ଚାହାନ୍ତି, ସେ ସେହି ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ନିଜର ନାମ ପଞ୍ଜିକରଣ କରିଥିବେ। କମିଶନରେଟ୍, କଟକ-ଭୁବନେଶ୍ୱରରେ ଖାଲି ଥିବା ପଦବୀ ପାଇଁ କଟକ କିମ୍ବା ଖୋର୍ଦ୍ଧା ରାଜସ୍ୱ ଜିଲ୍ଲାରେ ଥିବା ଯେ କୌଣସି କର୍ମଯୋଗାଣ କେନ୍ଦ୍ରରେ ବା ସେହି ଜିଲ୍ଲାକୁ ପରିସରଭୁକ୍ତ କରୁଥିବା କର୍ମଯୋଗାଣ କେନ୍ଦ୍ରରେ ପଞ୍ଜିକୃତ ପ୍ରାର୍ଥୀମାନେ ଆବେଦନ କରିପାରିବେ । ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ପୂର୍ବରୁ ଏହି ପଞ୍ଜିକରଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀ ଏକାଧିକ କର୍ମଯୋଗାଣ କେନ୍ଦ୍ରରେ ନାମ ପଞ୍ଜିକରଣ କରିନଥିବେ । ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟକରୁଥିବା ଗ୍ରୁପ୍ ଘଡିଙ୍କ କର୍ମଚାରୀଙ୍କ ନିମନ୍ତେ ନାମ ପଞ୍ଜିକରଣର ଆବଶ୍ୟକତା ନାହିଁ ।

## ୬. ବୟସ ସୀମା

ପ୍ରାର୍ଥୀଙ୍କର ବୟସ ତା-୧.୧.୨୦୧୫ ରିଖ ସୁଦ୍ଧା ୧୮ ବର୍ଷରୁ କମ୍ କିମ୍ବା ୨୩ ବର୍ଷରୁ ଅଧିକ ହୋଇନଥିବ । ଅନୁସୂଚିତ ଜାତି/ଅନୁସୂଚିତ ଉପଜାତି/ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗର ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୫ ବର୍ଷ ଏବଂ ସମସ୍ତ ବର୍ଗର ମହିଳା ପ୍ରାର୍ଥୀମାନଙ୍କ ପାଇଁ ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ । ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କର ସର୍ବୋଚ୍ଚ ବୟସସୀମା

ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମାନୁସାରେ କୋହଳ କରାଯିବ । ସେହିପରି ଗୃହରକ୍ଷୀ ମାନଙ୍କ ପାଇଁ ବୟସ ସୀମା ତା.୧.୧.୨୦୧୫ ରିଖ ସୁଦ୍ଧା୨୮ ବର୍ଷ ଓ ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟକରୁଥିବା ଗ୍ରୁପ୍ ଘଡିକ୍ସ କର୍ମଚାରୀମାନଙ୍କର ବୟସ ତା.୧.୧.୨୦୧୫ ରିଖ ସୁଦ୍ଧା ୪୩ ବର୍ଷରୁ ଅଧିକ ହୋଇନଥିବ । ପ୍ରାର୍ଥୀ ଉପରୋକ୍ତ ସୁବିଧା ଗୁଡିକ ମଧ୍ୟରୁ କେବଳ ଗୋଟିଏ ସୁବିଧା ପାଇବେ ।

## ୭. ଶିକ୍ଷାଗତ ଯୋଗ୍ୟତା

ପ୍ରାର୍ଥୀ ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିମ୍ବା ଅନ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ +୨ ସାର୍ଟିଫିକେଟ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡିଆ ଏକ ବିଷୟ ରୂପେ ନେଇ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ କିମ୍ବା ଓଡିଆ ଭାଷାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏମ୍.ଇ. ଷ୍ଟାଣ୍ଡାର୍ଡ ସମକକ୍ଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ । ସେ ଓଡ଼ିଆ ଭାଷା କହିପାରୁଥିବେ, ପଢ଼ିପାରୁଥିବେ ଓ ଲେଖିପାରୁଥିବେ ।

## ୮. ଅନ୍ୟାନ୍ୟ ଯୋଗ୍ୟତା

(କ) ପ୍ରାର୍ଥୀ ଉତ୍ତମ ଚରିତ୍ରର ଅଧିକାରୀ ହୋଇଥିବେ ।
(ଖ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ/ପତି ନଥିବେ ।
(ଗ) ସେ ସ୍ୱାସ୍ଥ୍ୟବାନ ହୋଇଥିବେ ଓ ଶାରୀରିକ ରୂପେ ଅକ୍ଷମ ବା ଭିନ୍ନକ୍ଷମ ହୋଇନଥିବେ ।
(ଘ) ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍ ଘଡିକ୍ସ କର୍ମଚାରୀ ଅତି କମ୍‌ରେ ନିରବଚ୍ଛିନ୍ନ ଭାବରେ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିଥିବେ । ତାଙ୍କର କାର୍ଯ୍ୟକାଳରେ ସେ କୌଣସି ଗୁରୁତର ବିଭାଗୀୟ ଦଣ୍ଡ ଭୋଗି ନ ଥିବେ ଓ ଉତ୍ତମ ସେବାର ଅଧିକାରୀ ହୋଇଥିବେ ।

(ଙ) ଗୃହରକ୍ଷୀମାନେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇବା ଦିନ ସୁଦ୍ଧା ନିରବଚ୍ଛିନ୍ନ ଭାବେ ଗୃହରକ୍ଷୀ ଭାବେ ଅତିକମ୍‌ରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବେ ଏବଂ ଗୃହରକ୍ଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ମୌଳିକ ତାଲିମ ନେଇଥିବେ ।

**ବି.ଦ୍ର.** କନେଷ୍ଟବଳ ନିଯୁକ୍ତି ପରୀକ୍ଷା ସମୟରେ ପ୍ରାର୍ଥୀ ତାଙ୍କ ଯୋଗ୍ୟତା ସମ୍ବନ୍ଧୀୟ ମୂଳ ପ୍ରମାଣପତ୍ର ଗୁଡ଼ିକ ଯାଞ୍ଚ ନିମନ୍ତେ ଦାଖଲ କରିବେ । ଯେଉଁ ପ୍ରାର୍ଥୀ କନେଷ୍ଟବଳ ପଦବୀ ନିମନ୍ତେ ନିଜର ଆବଶ୍ୟକ ଯୋଗ୍ୟତା ପ୍ରମାଣ କରିବାରେ ବିଫଳ ହେବେ, ସେମାନଙ୍କୁ ଅଯୋଗ୍ୟ ବିବେଚିତ କରାଯିବ ଓ ପରବର୍ତ୍ତୀ ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ । ଏତଦ୍ ବ୍ୟତୀତ ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ପ୍ରବରଣ ମଣ୍ଡଳୀ (Selection Board) ଯଦି ଅନୁଭବ କରନ୍ତି, କୌଣସି ପ୍ରାର୍ଥୀଙ୍କର କନେଷ୍ଟବଳ ପଦବୀପାଇଁ ଆବଶ୍ୟକ ଯୋଗ୍ୟତା ନାହିଁ, ତେବେ ସେହି ପ୍ରାର୍ଥୀଙ୍କର ପ୍ରାର୍ଥୀତ୍ୱ ରଦ୍ଦ କରାଯିବ । ଯୋଗ୍ୟତା ସମ୍ବନ୍ଧୀୟ ସବିଶେଷ ବିବରଣୀ ଘରୋଇ ବିଭାଗ Resolution No.57063/D&A dtd.23.12.2010 ରେ ଉପଲବ୍ଧ ଅଟେ ।

## ୯. (କ) ଶାରୀରିକ ମାପ

ପ୍ରାର୍ଥୀଙ୍କର ସର୍ବନିମ୍ନ ଶାରୀରିକ ମାପ ନିମ୍ନପ୍ରକାର ହୋଇଥିବା ଆବଶ୍ୟକ ।

| କ୍ର.ସଂ. | ବର୍ଗ | ପୁରୁଷ | | | | ମହିଳା | |
|---|---|---|---|---|---|---|---|
| | | ଉଚ୍ଚତା | ଓଜନ | ଛାତିମାପ | | ଉଚ୍ଚତା | ଓଜନ |
| | | | | ଅଣସଂପ୍ରସାରିତ | ସଂପ୍ରସାରିତ | | |
| ୧. | ଅସଂରକ୍ଷିତ ବର୍ଗ/ ସାମାଜିକ ଓ ଶିକ୍ଷାକ୍ଷେତ୍ରରେ ଅନଗ୍ରସର ବର୍ଗ | ୧୬୮ ସେ.ମି. | ୫୫ କି.ଗ୍ରା. | ୭୯ ସେ.ମି. | ୮୪ ସେ.ମି. | ୧୫୮ ସେ.ମି. | ୪୭.୫ କି.ଗ୍ରା. |
| ୨. | ଅନୁସୂଚିତ ଜାତି/ ଉପଜାତି | ୧୬୩ ସେ.ମି. | ୫୦ କି.ଗ୍ରା. | ୭୬ ସେ.ମି. | ୮୧ ସେ.ମି. | ୧୫୩ ସେ.ମି. | ୪୫ କି.ଗ୍ରା. |

**(ଖ)** ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟ କରୁଥିବା ଗ୍ରୁପ୍ "ଡି" କର୍ମଚାରୀମାନଙ୍କର ଶାରୀରିକ ମାପ, ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି., ଓଜନରେ ୫ କି.ଗ୍ରା. ଓ ଛାତି ମାପରେ ୨ ସେ.ମି. ପର୍ଯ୍ୟନ୍ତ କୋହଳ କରାଯିବ ।

**(ଗ)** ଯେଉଁ କ୍ରୀଡ଼ାବିତ୍‌ମାନେ ସ୍ତମ୍ଭ ୧୩ ରେ ଦର୍ଶାଯାଇଥିବା କ୍ରୀଡ଼ା ବିଭାଗରେ ଓପନ ଜାତୀୟ ଚମ୍ପିଆନ୍‌ସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାରେ ପ୍ରାର୍ଥୀ ଭାବେ ଭାଗନେଇଥିବେ ଏବଂ ତାହା ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ସଂସ୍ଥା / ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡ଼ା ସଂସ୍ଥା / ଜାତୀୟ କ୍ରୀଡ଼ା ସଂସ୍ଥା / ଅନୁଷ୍ଠାନ ତରଫରୁ ଅନୁମୋଦିତ ହୋଇଥିବେ ଏବଂ କ୍ରୀଡ଼ା ନିର୍ଦ୍ଦେଶାଳୟରୁ ଆବଶ୍ୟକ ପରିଚୟ ପତ୍ର ପାଇଥିବେ ସେମାନେ ଅନ୍ତର୍ଭୁକ୍ତ ବର୍ଗର ସର୍ବନିମ୍ନ ମାପଠାରୁ ଉଚ୍ଚତାରେ ୩ ସେ.ମି. ଛାତି ମାପରେ ୨ ସେ.ମି. ଓ ଓଜନରେ ୫ କି.ଗ୍ରା. ପର୍ଯ୍ୟନ୍ତ ନିୟମ ଅନୁଯାୟୀ କୋହଳ ପାଇବାର ବ୍ୟବସ୍ଥା ରହିଅଛି ।

**(ଘ)** ଶାରୀରିକ ଅକ୍ଷମ ବା ଭିନ୍ନକ୍ଷମ ବ୍ୟକ୍ତି ଉପରୋକ୍ତ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ନାହିଁ ।

## ୧୦. ଶାରୀରିକ ମାପ/ଶାରୀରିକ ଦକ୍ଷତା ପରୀକ୍ଷା

ପ୍ରାର୍ଥୀ ମନୋନୟନ ନିମନ୍ତେ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା, ଲିଖିତ ପରୀକ୍ଷା ଇତ୍ୟାଦି ଅନୁଷ୍ଠିତ ହେବ । ପ୍ରାର୍ଥୀ ରହିବାପାଇଁ ପ୍ରସ୍ତୁତ ହୋଇ ଆସିଥିବା ଆବଶ୍ୟକ । ଶାରୀରିକ ଦକ୍ଷତା ପରୀକ୍ଷା ନିମନ୍ତେ ପ୍ରଯୁକ୍ତି ଜ୍ଞାନକୌଶଳ ( Technology ) ର ପ୍ରୟୋଗ କରାଯାଇପାରେ । ଶାରୀରିକ ମାପ ପୂର୍ବରୁ କିମ୍ବା ପରେ ପ୍ରାର୍ଥୀଙ୍କର କୌଣସି ଶାରୀରିକ ଅକ୍ଷମତା ଅଛି କି ନାହିଁ, ତାହା ଜାଣିବା ପାଇଁ ସିଲେକ୍‌ସନ ବୋର୍ଡର ଏକ କମିଟି ଦ୍ୱାରା ପରୀକ୍ଷା କରାଯିବ ଏବଂ ଏହି କମିଟିର ନିଷ୍ପତ୍ତି ଚୂଡାନ୍ତ ହେବ। ନିଯୁକ୍ତି ପରୀକ୍ଷାର ଯେକୌଣସି ପର୍ଯ୍ୟାୟରେ ଶାରୀରିକ ଅକ୍ଷମତାର ପରୀକ୍ଷା / ପୁନଃ

ପରୀକ୍ଷା କରାଯାଇପାରେ । ଏତଦ୍ ବ୍ୟତୀତ ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ବିଭିନ୍ନ ବର୍ଗର ପ୍ରାର୍ଥୀ ମାନଙ୍କ ପାଇଁ ଭିନ୍ନ ଭିନ୍ନ ତାରିଖରେ କରାଯାଇପାରେ । ଏ ସମ୍ବନ୍ଧରେ ସଂପୃକ୍ତ ଆରକ୍ଷୀ ଅଧୀକ୍ଷକ / କମିଶନର ପୋଲିସ ପ୍ରାର୍ଥୀମାନଙ୍କୁ ଆବଶ୍ୟକ ସୂଚନା ଦେବେ ।

**(କ) ଶାରୀରିକ ମାପ (ଉଚ୍ଚତା) - ୩ ବୋନସ୍ ମାର୍କ**

ଯେଉଁ ପୁରୁଷ ପ୍ରାର୍ଥୀମାନଙ୍କର ଉଚ୍ଚତା ୧୬୮ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ ଏବଂ ମହିଳା ପ୍ରାର୍ଥୀମାନଙ୍କର ଉଚ୍ଚତା ୧୬୫ ସେଣ୍ଟିମିଟର ବା ତାହା ଠାରୁ ଅଧିକ ହୋଇଥିବ, ସେମାନେ ୩ ନମ୍ବର ବୋନସ ମାର୍କ ପାଇବେ ।

**(ଖ) ଶାରୀରିକ ଦକ୍ଷତା ପରୀକ୍ଷା - ମୋଟ ନମ୍ବର ୩୦**

ନିମ୍ନଲିଖିତ ବିଭାଗ (ରଢରଜନ୍ଦ) ରେ ଶାରୀରିକ ଦକ୍ଷତା ପରୀକ୍ଷା କରାଯିବ ।

| | **ପୁରୁଷ ମାନଙ୍କ ପାଇଁ** | | **ସମୟ** | **ନମ୍ବର** |
|---|---|---|---|---|
| (୧) | **ଦୌଡ** | ୧.୬ କି.ମି. | ୫ ମିନିଟ୍ | ୧୦ |
| | | | ୫.୩୦ ମିନିଟ୍ | ୮ |
| | | | ୬ ମିନିଟ୍ | ୬ |
| | | | ୬.୩୦ ମିନିଟ୍ | ୪ |

୬.୩୦ ମିନିଟ୍ ମଧ୍ୟରେ ଦୌଡ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | | |
|---|---|---|---|---|
| (୨) | **ଉଚ୍ଚ ଡିଆଁ** | ୧.୨୨ ମିଟର | ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୩ ନମ୍ବର |
| | (ତିନିଥର) | | ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୨ ନମ୍ବର |
| | | | ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୧ ନମ୍ବର |

୩ ଥରରେ ୧.୨୨ମିଟର ଉଚ୍ଚଡିଆଁ ଡେଇଁନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ-:** ଯେଉଁ ପ୍ରାର୍ଥୀ ପ୍ରଥମ ସୁଯୋଗରେ ୧.୨୨ ମିଟର ଉଚ୍ଚଡିଆଁ ଡେଇଁ ପାରିବେ, ତାଙ୍କୁ ପରବର୍ତ୍ତୀ ଉଚ୍ଚତର ଡିଆଁରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ।ଏହି ସୁଯୋଗ ସେ ପର୍ଯ୍ୟାୟକ୍ରମେ ନିମ୍ନଲିଖିତ ଉଚ୍ଚଡିଆଁ ପାଇଁ ତିନି ଥର ସୁଯୋଗ ପାଇବେ । ସର୍ବୋଚ୍ଚ ଉଚ୍ଚ ଡିଆଁ ପାଇଁ କେବଳ ନମ୍ବର ଦିଆଯିବ ।

| | | |
|---|---|---|
| ୧.୩୮ ମିଟର | - | ୬ ନମ୍ବର |
| ୧.୫୦ ମିଟର | - | ୮ ନମ୍ବର |

| | | | |
|---|---|---|---|
| (୩) | **ଲମ୍ବଡିଆଁ ୩.୬୬ ମିଟର** | ୩.୬୬ ମିଟର | ୧ ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୪.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ | ୪.୩୫ ମିଟର | ୫ ନମ୍ବର |
| | ନମ୍ବର ଦିଆଯିବ) | ୪.୫୦ ମିଟର | ୬ ନମ୍ବର |

୩ଥରରେ ୩.୬୬ମିଟର ଲମ୍ବଡିଆଁ ଡେଇଁନପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୪) **ଦଉଡି ଚଢ଼ା -୬ ମିଟର** (ଭୂମିଠାରୁ ଉପରକୁ) କେବଳ ହାତ ବ୍ୟବହାର କରିବେ ।

| **ସମୟ** | **ନମ୍ବର** |
|---|---|
| ପ୍ରଥମ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୬ ନମ୍ବର |
| ଦ୍ୱିତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୪ ନମ୍ବର |
| ତୃତୀୟ ସୁଯୋଗରେ ସମ୍ପୂର୍ଣ୍ଣକଲେ | ୨ ନମ୍ବର |

ତିନି ଥରରେ ୬ ମିଟର ଦଉଡ଼ି ଚଢ଼ା ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ -** ୪୦ ମିଟର -୮ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା)
୮ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| **ମହିଳା ମାନଙ୍କ ପାଇଁ** | | | **ସମୟ** | **ନମ୍ବର** |
|---|---|---|---|---|
| (୧) | **ଦୌଡ଼** | ୧.୬ କି.ମି. | ୭.୧୫ ମିନିଟ୍ | ୧୦ ନମ୍ବର |
| | | | ୭.୪୫ ମିନିଟ୍ | ୮ ନମ୍ବର |
| | | | ୮.୧୫ ମିନିଟ୍ | ୬ ନମ୍ବର |
| | | | ୮.୩୦ ମିନିଟ୍ | ୪ ନମ୍ବର |

୮.୩୦ ମିନିଟ୍ ମଧ୍ୟରେ ଦୌଡ଼ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| (୨) | **୨୦୦ ମିଟର ଦୌଡ଼** | **ସମୟ** | **ନମ୍ବର** |
|---|---|---|---|
| | | ୨୮ ସେକେଣ୍ଡ | ୮ ନମ୍ବର |
| | | ୩୨ ସେକେଣ୍ଡ | ୫ ନମ୍ବର |
| | | ୩୬ ସେକେଣ୍ଡ | ୩ ନମ୍ବର |

୩୬ ସେକେଣ୍ଡ ମଧ୍ୟରେ ୨୦୦ ମିଟର ଦୌଡ଼ ସମ୍ପୂର୍ଣ୍ଣ କରି ନ ପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | |
|---|---|---|---|
| (୩) | **ଲମ୍ବଡିଆଁ ୨.୭୫ ମିଟର** | ୨.୭୫ ମିଟର | ୧ ନମ୍ବର |
| | (୩ଟି ସୁଯୋଗ ମଧ୍ୟରୁ | ୩.୦୦ ମିଟର | ୩ ନମ୍ବର |
| | ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନମ୍ବର | ୩.୨୫ ମିଟର | ୫ ନମ୍ବର |
| | ଦିଆଯିବ) | ୩.୫୦ ମିଟର | ୬ ନମ୍ବର |

୩ ଥରରେ ୨.୭୫ ମିଟର ଲମ୍ବଡିଆଁ ଡେଇଁ ନ ପାରିଲେ, ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

| | | | |
|---|---|---|---|
| (୪) | **ସାଇକେଲ୍ ଚାଳନା-୧.୬ କି.ମି.** | **ସମୟ** | **ନମ୍ବର** |
| | | ୫ ମିନିଟ୍ | ୬ ନମ୍ବର |
| | | ୫.୩୦ ମିନିଟ୍ | ୪ ନମ୍ବର |
| | | ୬ ମିନିଟ୍ | ୨ ନମ୍ବର |

୬ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ କରିନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(୫) **ସନ୍ତରଣ**-୪୦ ମିଟର-୧୦ ମିନିଟ୍ ମଧ୍ୟରେ (କେବଳ ଯୋଗ୍ୟତା ଭିତ୍ତିକ ପରୀକ୍ଷା) ୧୦ ମିନିଟ୍ ମଧ୍ୟରେ ସନ୍ତରଣ ସମ୍ପୂର୍ଣ୍ଣ କରି ନପାରିଲେ ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

**ଦ୍ରଷ୍ଟବ୍ୟ:-** ଯଦି ପ୍ରାର୍ଥୀ ଉପରୋକ୍ତ ବିଭାଗ ଗୁଡ଼ିକରେ ଅଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ ।

## (ଗ) ଗାଡ଼ି ଚାଳନା ପରୀକ୍ଷା

ଯେଉଁ ପ୍ରାର୍ଥୀଙ୍କର ବିଜ୍ଞାପନ ପ୍ରକାଶ ପାଇବା ତାରିଖ ସୁଦ୍ଧା ଅତିକ୍ରମ୍‌ରେ ୧ ବର୍ଷର ହାଲୁକା କିମ୍ବା ଭାରୀଯାନ ଚାଳନା ନିମନ୍ତେ ଲାଇସେନ୍‌ସ ଅଛି (ଶିକ୍ଷଣ ସମୟକୁ ବାଦ୍ ଦେଇ) ଓ ଯେଉଁମାନେ ଏ ସମ୍ପର୍କରେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି ଏବଂ ଯେଉଁ ପ୍ରାର୍ଥୀ ମାନଙ୍କର ବୈଧ ଗାଡ଼ି ଚାଳନା ଲାଇସେନ୍‌ସ ( Valid Driving License ) ଥିବ କେବଳ ସେହି ପ୍ରାର୍ଥୀ ମାନଙ୍କୁ ଗାଡ଼ିଚାଳନା ପରୀକ୍ଷା ପାଇଁ ଅନୁମତି ଦିଆଯିବ । ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀ ନିମ୍ନଲିଖିତ ନମ୍ବର ପାଇବେ ।

(୧) ଭାରୀଯାନ ଚାଳନା - ଲାଇସେନ୍‌ସ ସହ ଭାରୀଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - **୫ ନମ୍ବର**

(୨) ହାଲୁକାଯାନ ଚାଳନା - ଲାଇସେନ୍‌ସ ସହ ହାଲୁକାଯାନ ଚାଳନା ପରୀକ୍ଷାରେ ଉତ୍ତୀର୍ଣ୍ଣ - **୩ ନମ୍ବର**

**ଏହି ପରୀକ୍ଷାରେ ଭାଗନେବା ପୂର୍ବରୁ ପ୍ରାର୍ଥୀ ତାଙ୍କର ମୂଳ ଡ୍ରାଇଭିଂ ଲାଇସେନ୍‌ସ ଯାଞ୍ଚ ନିମନ୍ତେ ଦାଖଲ କରିବେ ।**

ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଓ ନମ୍ବର ପାଇଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିପରେ ଆବଶ୍ୟକସ୍ଥଳେ ଗାଡ଼ି ଚଳାଇବା, ନିଜର ଦାୟିତ୍ୱ ଓ କର୍ତ୍ତବ୍ୟର ଅଂଶବିଶେଷ ଭାବେ ବିବେଚିତ ହେବ ।

**ଦ୍ରଷ୍ଟବ୍ୟ:-** ଗାଡ଼ି ଚାଳନା ଲାଇସେନ୍‌ସର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ତାହାର ସଠିକ୍ ତାରିଖକୁ Original Licence ସହିତ ମିଳାଇ ପ୍ରାର୍ଥୀ ଦରଖାସ୍ତ ଫର୍ମରେ ଉଲ୍ଲେଖ କରିଥିବା ସମସ୍ତ ତଥ୍ୟ ସହିତ ବିଚାରକୁ ନିଆଯିବ ।

**୧୧. ଶିକ୍ଷାଗତ ଯୋଗ୍ୟତା - ମୋଟ ନମ୍ବର - ୬**

ପ୍ରାର୍ଥୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (+୨)ପରୀକ୍ଷାରେ ରଖିଥିବା % (ଶତକଡା) ମାର୍କକୁ ଭିତ୍ତିକରି ନିମ୍ନଲିଖିତ ନମ୍ବର ପ୍ରଦାନ କରାଯିବ ।

| | ଶିକ୍ଷାଗତ ଯୋଗ୍ୟତା | ଡିଭିଜନ୍ (%) | ନମ୍ବର |
|---|---|---|---|
| (କ) | +୨ | ୬୧% ଓ ଅଧିକ | ୬ ନମ୍ବର |
| (ଖ) | +୨ | ୫୧% ଓ ଅଧିକ | ୪ ନମ୍ବର |
| (ଗ) | +୨ | ୪୧% ଓ ଅଧିକ | ୧ ନମ୍ବର |
| (ଘ) | +୨ | କମ୍ପାଟ୍‌ମେଣ୍ଟାଲ୍ / ସପ୍ଲିମେଣ୍ଟାରି / ୪୧ ପ୍ରତିଶତ ମାର୍କରୁ କମ୍ ହୋଇଥିଲେ କୌଣସି ନମ୍ବର ଦିଆଯିବ ନାହିଁ । | |

**ଦ୍ରଷ୍ଟବ୍ୟ:-** ପ୍ରଥମ ସୁଯୋଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ହିଁ ନମ୍ବର ମିଳିବ ।

**୧୨. ଲିଖିତ ପରୀକ୍ଷା - ମୋଟ ନମ୍ବର - ୩୫**

(କ) ଏହି ପରୀକ୍ଷା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ +୨ ଷ୍ଟାଣ୍ଡାର୍ଡର କରାଯିବ ।

(ଖ) ଏହି ପରୀକ୍ଷା ବହୁମୁଖୀ ସମ୍ବନ୍ଧୀୟ ପ୍ରଶ୍ନପତ୍ର ଯଥା- ଓଡ଼ିଆ ଭାଷା, ଇଂରାଜୀ ଭାଷା, ଅଙ୍କ ଜ୍ଞାନ (Arithmetic), ସାଧାରଣ ଜ୍ଞାନ (General Knowledge), ଓ ଯଥାର୍ଥ (Aptitude) ଏବଂ ତର୍କ ଜ୍ଞାନ (Logical Reasoning) ଇତ୍ୟାଦିରେ କରାଯିବ ।

(ଗ) ଲିଖିତ ପରୀକ୍ଷାରେ ଅଂଶ ଗ୍ରହଣ କରି ନ ଥିବା ପ୍ରାର୍ଥୀ ଅଯୋଗ୍ୟ ବିବେଚିତ ହେବେ ।

(ଘ) ଏହି ପରୀକ୍ଷା OMR ପ୍ରଣାଳୀରେ କରାଯାଇପାରେ ।

(ଙ) ପ୍ରାର୍ଥୀ ମାନଙ୍କର ଲିଖିତ ପରୀକ୍ଷାର ଯୋଗ୍ୟତା ଭିତ୍ତିକ ନମ୍ବର ସିଲେକ୍‌ସନ୍ ବୋର୍ଡ଼ଙ୍କ ଦ୍ୱାରା ସ୍ଥିର କରାଯିବ ।

**୧୩. କ୍ରୀଡ଼ା - ମୋଟ ନମ୍ବର-୧୫**

କେବଳ ନିମ୍ନଲିଖିତ କ୍ରୀଡ଼ା କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ପ୍ରାର୍ଥୀମାନଙ୍କର ଯୋଗ୍ୟତା ମୂଲ୍ୟାୟନ କରାଯିବ ।

| | | | |
|---|---|---|---|
| ୧. | ଆଥ୍ଲେଟିକ୍ସ୍ | ୧୪. | କବାଡ଼ି |
| ୨. | ଆର୍ଚରି | ୧୫. | କରାଟେ ଡ଼ୋ |
| ୩. | ବ୍ୟାଡମିଣ୍ଟନ | ୧୬. | କାୟାକିଂ ଓ କ୍ୟାନୋଇଂ |
| ୪. | ବାସ୍କେଟବଲ | ୧୭. | ଲନ୍ ଟେନିସ୍ |
| ୫. | ବଡି ବିଲ୍ଡିଂ | ୧୮. | ପାୱାର ଲିଫ୍ଟିଂ |
| ୬. | ବକ୍ସିଂ | ୧୯. | ରୋଇଙ୍ଗ୍ |
| ୭. | କ୍ରିକେଟ୍ | ୨୦. | ସୁଟିଂ |
| ୮. | ସାଇକ୍ଲିଙ୍ଗ | ୨୧. | ସୁଇମିଙ୍ଗ୍ |
| ୯. | ଇକ୍ୱିଷ୍ଟ୍ରିଆନ | ୨୨. | ଟେବୁଲ ଟେନିସ୍ |
| ୧୦. | ଫୁଟବଲ୍ | ୨୩. | ତାଇକୋଣ୍ଡୋ |
| ୧୧. | ଜିମନାଷ୍ଟିକ୍ସ | ୨୪. | ଭଲିବଲ୍ |
| ୧୨. | ହକି | ୨୫. | ୱେଟ ଲିଫ୍ଟିଂ |
| ୧୩. | ଜୁଡୋ | ୨୬. | ରେସ୍ଲିଙ୍ଗ |

(କ) ଆନ୍ତର୍ଜାତୀୟ କ୍ରୀଡାରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୫ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୧୪ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୧୩ ନମ୍ବର |

(ଖ) ଆନ୍ତର୍ଜାତୀୟ କ୍ରୀଡ଼ାରେ ଦେଶପାଇଁ ପ୍ରତିନିଧିତ୍ୱ କରି ମେଡାଲ୍ ପାଇ ନଥିଲେ - ୧୦ ନମ୍ବର

(ଗ) ଓପନ୍ ଜାତୀୟ ଚାମ୍ପିଆନ୍ସିପ୍ ରେ

| | | |
|---|---|---|
| ଗୋଲ୍ଡ ମେଡାଲ୍ ପାଇଁ | - | ୧୦ ନମ୍ବର |
| ସିଲ୍ଭର ମେଡାଲ୍ ପାଇଁ | - | ୬ ନମ୍ବର |
| ବ୍ରୋଞ୍ଜ ମେଡାଲ୍ ପାଇଁ | - | ୫ ନମ୍ବର |

**ଦ୍ରଷ୍ଟବ୍ୟଃ**-(୧) କେବଳ ଗୋଟିଏ କ୍ରୀଡ଼ା ଇଭେଣ୍ଟପାଇଁ ନମ୍ବର ଦିଆଯିବ ।

(୨) କେବଳ ଓପନ୍ ଜାତୀୟ ଏବଂ ଆନ୍ତର୍ଜାତୀୟ ଚମ୍ପିଆନ୍ସିପ୍ ରେ ପ୍ରାର୍ଥୀ ଭାଗ ନେଇଥିବେ ଏବଂ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ସଂସ୍ଥା/ଅନୁଷ୍ଠାନ କିମ୍ବା ଭାରତୀୟ ଅଲମ୍ପିକ ସଂସ୍ଥା କିମ୍ବା ରାଜ୍ୟ କ୍ରୀଡ଼ା ସଂସ୍ଥା/ଜାତୀୟ କ୍ରୀଡ଼ା ସଂସ୍ଥା/ଅନୁଷ୍ଠାନ ତରଫରୁ ଅନୁମୋଦନ ହୋଇଥିବା ଆବଶ୍ୟକ ।

(୩) କେବଳ ଓପନ୍ ଜାତୀୟ ଚମ୍ପିଆନସିପ୍ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାରେ ଭାଗ ନେଇଥିବା ପୁରୁଷ, ମହିଳା, ଜୁନିଅର ବାଳକ/ବାଳିକା ଏବଂ ସବ୍ ଜୁନିଅର

ବାଳକ/ବାଳିକା ବିଭାଗରେ ଭାଗ ନେଇଥିବା ପ୍ରାର୍ଥୀମାନଙ୍କର ଉପରୋକ୍ତ ଯୋଗ୍ୟତା ଭିତ୍ତିରେ ନମ୍ବର ବିଚାରକୁ ନିଆଯିବ ।

(୪) ଯେଉଁ କ୍ଷେତ୍ରରେ କୌଣସି ମେଡାଲର ବ୍ୟବସ୍ଥା ନାହିଁ, ସେ କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗୁଡ଼ିକୁ ଯଥାକ୍ରମେ ଗୋଲ୍ଡ, ସିଲ୍ଭର୍ ଓ ବ୍ରୋଞ୍ଜ ମେଡାଲ ରୂପେ ବିବେଚନା କରାଯିବ ।

(୫) କ୍ରୀଡ଼ା ସାର୍ଟିଫିକେଟର ବୈଧତା ଓ ଆନୁସଙ୍ଗିକ ନିୟମାବଳୀ ନିମନ୍ତେ ଘରୋଇ ବିଭାଗ Resolution No.57063/D&A dtd.23.12.2010 ରେ ଦ୍ରଷ୍ଟବ୍ୟ ।

**୧୪. ଏନ୍.ସି.ସି.ସାର୍ଟିଫିକେଟ୍ - ମୋଟ ନମ୍ବର ୫**

| | | |
|---|---|---|
| ଏନ୍.ସି.ସି. 'A' ସାର୍ଟିଫିକେଟ୍ ପାଇଁ | - | ୧ ନମ୍ବର |
| ଏନ୍.ସି.ସି. 'B' ସାର୍ଟିଫିକେଟ୍ ପାଇଁ | - | ୩ ନମ୍ବର |
| ଏନ୍.ସି.ସି. 'C' ସାର୍ଟିଫିକେଟ୍ ପାଇଁ | - | ୫ ନମ୍ବର |

**୧୫. ଡାକ୍ତରୀ ପରୀକ୍ଷା:**

ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରକ୍ରିୟାର ଯେ କୌଣସି ପର୍ଯ୍ୟାୟରେ ଏକ ମେଡିକାଲ ବୋର୍ଡ଼ ଦ୍ୱାରା ପରୀକ୍ଷା କରାଯିବ । ଆଣ୍ଠୁକୁ ଆଣ୍ଠୁ ବାଜିବା (knock knee), ଚଟକା ପାଦ (flat foot), ଫୁଲିଥିବା ଗୋଡ଼ ଧମନୀ (varicose vein), ଧନୁଭଳି ବଙ୍କା ଗୋଡ (bow leg), ଟେରା (squint in eye), ଖରାପ ଦୃଷ୍ଟିଶକ୍ତି (poor vision), ରଙ୍ଗ ନ ଚିହ୍ନି ପାରିବା (colour blindness), flex finger, ଅନ୍ୟାନ୍ୟ ଶାରୀରିକ ଅକ୍ଷମତା, କହିବା ଏବଂ ଶୁଣିବାରେ ବାଧା ଇତ୍ୟାଦି ଏହି ଡାକ୍ତରୀ ପରୀକ୍ଷାର ଅନ୍ତର୍ଭୁକ୍ତ ହେବ ।

**ଡାକ୍ତରୀ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଥିବା ପ୍ରାର୍ଥୀ ମାନଙ୍କୁ ଡାକ୍ତରଙ୍କ ତରଫରୁ "ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ଯୋଗ୍ୟ" ପ୍ରମାଣପତ୍ର ଦିଆଯିବ ଏବଂ ସେମାନଙ୍କୁ ପରବର୍ତ୍ତୀ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅନୁମତି ଦିଆଯିବ ।**

**୧୬.** ପ୍ରାର୍ଥୀ ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଦରଖାସ୍ତ ସହିତ ସଂଲଗ୍ନ କରି ଦାଖଲ କରିବେ । ଏହି ନକଲଗୁଡ଼ିକ ପ୍ରାର୍ଥୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ଓ ତାରିଖ ସହ ଅନୁପ୍ରମାଣିତ (Self attested) ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କ ଦ୍ୱାରା ଅନୁପ୍ରମାଣିତ ପ୍ରମାଣପତ୍ରର ଜେରକ୍ସ୍ ନକଲ ଉକ୍ତ ପ୍ରମାଣପତ୍ର ସଂପୃକ୍ତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବାର ଚୂଡ଼ାନ୍ତ ପ୍ରମାଣ ବୋଲି ଗ୍ରହଣ କରାଯିବ ।

୧. ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର (ହାଇସ୍କୁଲ ସାର୍ଟିଫିକେଟ କିମ୍ବା ତତ୍ତୁଲ୍ୟ)
୨. ଶିକ୍ଷାଗତ ଯୋଗ୍ୟତା (+୨ ସାର୍ଟିଫିକେଟ ଓ ତତ୍ତୁଲ୍ୟ)
୩. ଜାତିଗତ ପ୍ରମାଣପତ୍ର (କେବଳ ତଫସିଲଭୁକ୍ତ ଜାତି/ଉପଜାତି/ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରଯୁଜ୍ୟ)

୪.	ନାମ ପଞ୍ଜିକରଣ ପ୍ରମାଣପତ୍ର (ରାଜ୍ୟ ଆରକ୍ଷୀ ବିଭାଗରେ କାର୍ଯ୍ୟରତ ଗ୍ରୁପ୍ ଘଡିଙ୍କ କର୍ମଚାରୀଙ୍କ ବ୍ୟତୀତ)

୫.	କ୍ରୀଡ଼ା ପ୍ରମାଣପତ୍ର (କେବଳ ଅନୁଛେଦ ୧୩ ରେ ଉଦ୍ଦିଷ୍ଟ ଥିବା କ୍ରୀଡ଼ା ନିମନ୍ତେ)

୬.	ଏନ୍.ସି.ସି. ସାର୍ଟିଫିକେଟ (ଏନ୍.ସି.ସି. ସାର୍ଟିଫିକେଟପ୍ରାପ୍ତ ପ୍ରାର୍ଥୀଙ୍କ ପାଇଁ)

୭.	ଗାଡ଼ି ଚାଳନା ଲାଇସେନ୍ସ (ଗାଡ଼ିଚାଳନା ଅଭିଜ୍ଞତା ଥିଲେ)

୮.	ଗୃହରକ୍ଷୀ ନିଯୁକ୍ତି ପ୍ରମାଣପତ୍ର (ଗୃହରକ୍ଷୀ ହୋଇଥିଲେ)ଓ ୩ ବର୍ଷର କାର୍ଯ୍ୟ ପ୍ରମାଣପତ୍ର ।

୯.	ଡିସଚାର୍ଜ ପ୍ରମାଣପତ୍ର (ଅବସରପ୍ରାପ୍ତ ସାମରିକ କର୍ମଚାରୀ ହୋଇଥିଲେ)

୧୦.	ତିନୋଟି (୩) ପାସପୋର୍ଟ ସାଇଜର ରଙ୍ଗୀନ ଫଟୋଗ୍ରାଫ (ଦରଖାସ୍ତ ଫର୍ମରେ ଲଗାଯାଇଥିବା ରଙ୍ଗୀନ ଫଟୋଗ୍ରାଫ ବ୍ୟତୀତ) (ଏହି ତିନୋଟି ଫଟୋର ପଛପାଖରେ ପ୍ରାର୍ଥୀଙ୍କ ନାମ ଓ ଦସ୍ତଖତ ରହିବ)

**୧୭.	କିପରି ଆବେଦନ କରିବେ**

ସମସ୍ତ ବର୍ଗର ପ୍ରାର୍ଥୀମାନେ ଯେଉଁ ଜିଲ୍ଲା/ଆରକ୍ଷୀ ଜିଲ୍ଲା/ପୋଲିସ କମିଶନରେଟ୍‌ରେ କନେଷ୍ଟବଳ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ଚାହୁଁଥିବେ ସେମାନେ ସମ୍ପୃକ୍ତ ଜିଲ୍ଲା/ଆରକ୍ଷୀ ଜିଲ୍ଲା/ପୋଲିସ କମିଶନରଙ୍କ କାର୍ଯ୍ୟାଳୟରୁ ଦରଖାସ୍ତ ଫର୍ମ ମୂଲ୍ୟ ବାବଦରେ **ଟ.୩୫/-** (ପଞ୍ଚ ତିରିଶ ଟଙ୍କା ମାତ୍ର)ର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ପଇଠ କରି ଦରଖାସ୍ତ ଫର୍ମ କିଣି ପାରିବେ । ଏହା ବ୍ୟତୀତ ଏହି ଦରଖାସ୍ତ ଫର୍ମ ଓଡିଶା ପୋଲିସ ୱେବସାଇଟ୍ www.odishapolice.gov.in ରୁ ଡ଼ାଉନ୍‌ଲୋଡ୍ କରିହେବ । ୱେବସାଇଟ୍ ରୁ ଡ଼ାଉନ୍‌ଲୋଡ୍ କରି ଫର୍ମ ଦେଇଥିବା ପ୍ରାର୍ଥୀ ଫର୍ମ ସହିତ ଟ.୩୫/-(ପଞ୍ଚ ତିରିଶ ଟଙ୍କା ମାତ୍ର)ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସଂଲଗ୍ନ କରିବେ । ବ୍ୟାଙ୍କ ଡ୍ରାଫ୍ଟ କିମ୍ବା ପୋଷ୍ଟାଲ ଅର୍ଡର ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ / ଡେପୁଟି ପୋଲିସ୍ କମିଶନର (ହେଡ୍‌କ୍ୱାଟର୍ସ), ଭୁବନେଶ୍ୱର ଙ୍କ ସପକ୍ଷରେ କରିବେ । ଏହା କିପରି କରାଯିବ ଏହି ବିଷୟରେ ସବିଶେଷ ବିବରଣୀ କ୍ରମିକ ସଂଖ୍ୟା ୪ ସ୍ତମ୍ଭରେ ଦର୍ଶାଯାଇଥିବା ଶାରଣୀ (Table) ରେ ପ୍ରଦତ୍ତ କରାଯାଇଅଛି । ଅନ୍ୟ ମାଧ୍ୟମରୁ ଆଣିଥିବା ଫର୍ମ ଗ୍ରହଣ ଯୋଗ୍ୟ ନୁହେଁ । ପ୍ରାର୍ଥୀ ଦରଖାସ୍ତ ଫର୍ମ ସହିତ ବ୍ୟାଙ୍କ ଡ୍ରାଫ୍ଟ/ପୋଷ୍ଟାଲ ଅର୍ଡର ଓ ଅନ୍ୟାନ୍ୟ ପ୍ରମାଣପତ୍ର ଗୁଡିକର ନକଲସହ ନିମ୍ନମତେ ଡାକ ଯୋଗେ ପଠାଇବେ କିମ୍ବା ଦରଖାସ୍ତ ଫର୍ମ ସଂପୃକ୍ତ ଆରକ୍ଷୀ ଅଧୀକ୍ଷକ/ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସ୍ଥାନରେ ଦାଖଲ କରି ରସିଦ ନେବେ । ଫର୍ମ ଦାଖଲ କରିବାର ଶେଷ ତାରଖ.**୩୧.୦୧.୨୦୧୫** ଅଟେ ।

| କ୍ରମିକ ସଂଖ୍ୟା | ପୋଲିସ୍ କମିଶନରେଟ୍‌ର ନାମ /ଜିଲ୍ଲା / ଆରକ୍ଷୀ ଜିଲ୍ଲା | କେଉଁଠାକୁ ଡାକଯୋଗେ ପଠାଇବେ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିବେ |
|---|---|---|
| ୧. | ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକ | Dy.Commissioner of Police, (Hqrs.), Bhubaneswar-Cuttack, Bhubaneswar |
| ୨. | ଜଗତସିଂହପୁର | Supdt. of Police, Jagatsinghpur |
| ୩. | ଯାଜପୁର | Supdt. of Police, Jajpur<br>At/Po-Panikoili, Dist-Jajpur |
| ୪. | ନୟାଗଡ଼ | Supdt. of Police, Nayagarh |
| ୫. | କେନ୍ଦ୍ରାପଡ଼ା | Supdt. of Police, Kendrapara |
| ୬. | ପୁରୀ | Supdt. of Police, Puri |
| ୭. | ଖୋର୍ଦ୍ଧା | Supdt. of Police, Khordha |
| ୮. | ବାଲେଶ୍ୱର | Supdt. of Police, Balasore |
| ୯. | ମୟୁରଭଞ୍ଜ | Supdt. of Police, Mayurbhanj<br>At/Po-Baripada, Dist-Mayurbhanj |
| ୧୦. | ଗଞ୍ଜାମ | Supdt. of Police, Ganjam<br>At/Po-Chatrapur, Dist-Ganjam |
| ୧୧. | ବ୍ରହ୍ମପୁର | Supdt. of Police, Berhampur |
| ୧୨. | ଗଜପତି | Supdt. of Police, Gajapati |
| ୧୩. | କନ୍ଧମାଳ | Supdt. of Police, Kandhamal |
| ୧୪. | ଅନୁଗୁଳ | Supdt. of Police, Angul |
| ୧୫. | ଢେଙ୍କାନାଳ | Supdt. of Police, Dhenkanal |
| ୧୬. | ସମ୍ବଲପୁର | Supdt. of Police, Sambalpur |
| ୧୭. | ବରଗଡ଼ | Supdt. of Police, Bargarh |
| ୧୮. | ବଲାଙ୍ଗିର | Supdt. of Police, Bolangir |
| ୧୯. | ଝାରସୁଗୁଡ଼ା | Supdt. of Police, Jharsuguda |
| ୨୦. | ସୁବର୍ଣ୍ଣପୁର | Supdt. of Police, Subarnapur<br>At/Po-Sonepur, Dist-Subarnapur |
| ୨୧. | କୋରାପୁଟ | Supdt. of Police, Koraput |
| ୨୨. | ମାଲକାନଗିରି | Supdt. of Police, Malkangiri |
| ୨୩. | ରାୟଗଡ଼ା | Supdt. of Police, Rayagada |
| ୨୪. | କଳାହାଣ୍ଡି | Supdt. of Police, Kalahandi<br>At/Po-Bhawanipatna, Dist-Kalahandi |
| ୨୫. | ନୂଆପଡ଼ା | Supdt. of Police, Nuapada |
| ୨୬. | ନବରଙ୍ଗପୁର | Supdt. of Police, Nawarangpur |
| ୨୭. | ସୁନ୍ଦରଗଡ଼ | Supdt. of Police, Sundargarh |

| | | |
|---|---|---|
| ୨୮. | ରାଉରକେଲା | Supdt. of Police, Rourkela<br>At/Po-Rourkela, Dist-Sundargarh |
| ୨୯. | କେନ୍ଦୁଝର | Supdt. of Police, Keonjhar |
| ୩୦. | ଜି.ଆର୍.ପି., କଟକ | Supdt. Railway Police, Cuttack |
| ୩୧. | ଜି.ଆର୍.ପି., ରାଉରକେଲା | Supdt. Railway Police, Rourkela |

**୧୮. ମିଥ୍ୟା ପ୍ରମାଣ ପତ୍ର ଦାଖଲ ଏବଂ ଅସାଧୁତା ଅବଲମ୍ବନ ପାଇଁ ସତର୍କ ସୂଚନା :**

(୧) ଏତଦ୍ ଦ୍ୱାରା ସମସ୍ତ ପ୍ରାର୍ଥୀମାନଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯଦି କୌଣସି ପ୍ରାର୍ଥୀ ନିଜର ଶିକ୍ଷାଗତ, ତଥା ଅନ୍ୟାନ୍ୟ ଯୋଗ୍ୟତା ଭିତ୍ତିକ ପ୍ରମାଣ ପତ୍ର ଦାଖଲ କରନ୍ତି ଓ ଯାଞ୍ଚ ସମୟରେ ଯଦି ତାହା ଅସତ୍ୟ ବୋଲି ପ୍ରମାଣିତ ହୁଏ ତେବେ ସେହି ପ୍ରାର୍ଥୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯିବା ସହିତ ପ୍ରାର୍ଥୀପତ୍ର ନାକଚ କରାଯିବ ।

(୨) ଯଦି କୌଣସି ପ୍ରାର୍ଥୀ/ ପ୍ରାର୍ଥୀନି ଅସଦ୍ ଉପାୟ ଅବଲମ୍ବନ ପୂର୍ବକ ଚାକିରିରେ ନିଜର ଯୋଗ୍ୟତା ହାସଲ କରିବା ପାଇଁ ପ୍ରୟାସ କରିବେ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(୩) ଯଦି କୌଣସି ମଧ୍ୟସ୍ଥି ପ୍ରାର୍ଥୀମାନଙ୍କ ଠାରୁ ଚାକିରି କରାଇଦେବାର ପ୍ରଲୋଭନ ଦେଖାଇ ଅସାଧୁ ଉପାୟରେ ଆର୍ଥିକ ଲାଭ / ଉତ୍କୋଚ ଗ୍ରହଣ କରିଥିବା ଦୃଷ୍ଟିକୁ ଆସିଲେ ସେହି ବ୍ୟକ୍ତି ବିରୁଦ୍ଧରେ ମଧ୍ୟ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**୧୯. ଅନ୍ୟାନ୍ୟ ସୂଚନା**

ପ୍ରାର୍ଥୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ କନେଷ୍ଟବଳ ନିଯୁକ୍ତି ପରୀକ୍ଷା ପାଇଁ ସେମାନେ ଆବେଦନ କରିବା ସମୟରେ ଅଧିକ ବିବରଣୀ ଓଡ଼ିଶା ସରକାରଙ୍କର ଗୃହ ବିଭାଗ ବିଜ୍ଞପ୍ତି ନଂ.57063/D&A dtd.23.12.2010 ଏବଂ ସାଧାରଣ ପ୍ରଶାସନ ବିଭାଗ ଓଡିଶା ସରକାରଙ୍କର ବିଜ୍ଞପ୍ତି ନଂ. 32010/Gen dtd.12.11.2013 ରେ ଉପଲବ୍ଧ ଅଟେ ।

ବିଦ୍ର:- ନିଯୁକ୍ତି ବିଜ୍ଞାପନର ବିସ୍ତୃତ ବିବରଣୀ ଓଡିଶା ପୋଲିସ୍ ୱେବସାଇଟ୍ www.odishapolice.gov.in ରେ ଉପଲବ୍ଧ ହେବ ।

**ଅଧ୍ୟକ୍ଷ,**
**ରାଜ୍ୟ ସିଲେକ୍ସନ ବୋର୍ଡ୍,**
**ଓଡ଼ିଶା ପୋଲିସ୍, କଟକ**